# Sambad

**Date:** 10/06/2010 **Page No:** 6 **Location:** Main **Circulation:** 38184

**Edition:** Bhubaneshwar


The Resource Centre

## Emami Tasty & Healthy cooking oil



### ଇମାମି 'ଟେଷ୍ଟି ଆଣ୍ଡ ହେଲ୍‌ଦି' ଖାଇବା ତେଲ

ଭୁବନେଶ୍ୱର, ୯/୬(ଇମିସ): ଇମାମି ଗ୍ରୁପ୍‌ର କଂପାନି ଇମାମି ବାୟୋଟେକ୍ ଲିମିଟେଡ୍ ଏହାର ପ୍ରଥମ ଫୁଡ୍ ଆଣ୍ଡ ବେଭରେଜ୍ ବ୍ରାଣ୍ଡ 'ଟେଷ୍ଟି ଆଣ୍ଡ ହେଲଦି' ଖାଇବା ତେଲକୁ ଓଡ଼ିଶା ବଜାରରେ ପ୍ରବେଶ କରାଇଛି। କଂପାନିର ନିର୍ଦ୍ଦେଶକ ଆଦିତ୍ୟ ଭି ଅଗ୍ରୱାଲ ଏହାର ବଜାର ପ୍ରବେଶ କରାଇଥିଲେ। ୭ ପର୍ଯ୍ୟାୟ ବିଶିଷ୍ଟ ୟୁରୋପୀୟ ରିଫାଇନିଂ ଟେକ୍‌ନୋଲଜି ଜରିଆରେ ଏହି ଖାଇବା ତେଲ ପ୍ରସ୍ତୁତ କରାଯାଇଛି। ଶୁଦ୍ଧତା ଓ ସ୍ୱାସ୍ଥ୍ୟ ସଚେତନ ପରିବାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟେଷ୍ଟି ଆଣ୍ଡ ହେଲଦି ଖାଇବା ତେଲ ପ୍ରସ୍ତୁତ ହୋଇଛି। ଆସନ୍ତା ତିନି ବର୍ଷରେ ଓଡ଼ିଶାରେ ମାର୍କେଟିଂ ପାଇଁ କଂପାନି ୧୦ କୋଟି ଟଙ୍କା ନିବେଶ କରିବ। ବଜାର ପ୍ରବେଶର ପ୍ରଥମ ବର୍ଷରେ କଂପାନି ୩୦୦ କୋଟି ଟଙ୍କାର ବ୍ୟବସାୟ କରିବାକୁ ଯୋଜନା ରଖିଛି। ୨୦୧୫ ସୁଦ୍ଧା ୧୦ ହଜାର କୋଟି ଟଙ୍କାର ଖାଇବା ତେଲ ବଜାରର ୧୦ ପ୍ରତିଶତ ବଜାର ଅଂଶ ହାସଲ କରିବାକୁ କଂପାନି ଲକ୍ଷ୍ୟ ରଖିଛି। ସେହି ସମୟରେ କଂପାନି ଦେଶର ଦୁଇ ନମ୍ବର ଖାଇବା ତେଲ ନିର୍ମାତା ହେବାକୁ ଲକ୍ଷ୍ୟ ରଖିଛି। ଆଜି କଂପାନି ୪ ପ୍ରକାର ଖାଇବା ତେଲ ବଜାରକୁ ଛାଡ଼ିଛି। ତାହା ହେଲା ରିଫାଇନଡ୍ ସୋୟାବିନ୍, ରିଫାଇନଡ୍ ସନଫ୍ଲାୱାର, ରିଫାଇନଡ୍ ଭେଜିଟେବୁଲ୍ ଅଏଲ ଓ କଚ୍ଚି ଘନି ମଷ୍ଟାର୍ଡ ଅଏଲ। ଏଗୁଡ଼ିକ ୫ ଲିଟର, ୧ ଲିଟର ବୋତଲ ଓ ୧ ଲିଟର ପାଉଚରେ ମିଳିବ। ଏହା ୫ ଟଙ୍କା ଓ ୧୦ ଟଙ୍କାର ଛୋଟ ପ୍ୟାକେଟରେ ମଧ୍ୟ ଉପଲବ୍ଧ ହେବ। ଓଡ଼ିଶାରେ ପ୍ରତିବର୍ଷ ଲୋକମାନେ ୩୦ ହଜାର ଟନ୍ ଖାଇବା ତେଲ ବ୍ୟବହାର କରୁଛନ୍ତି।

Copyright of the article is with the publication